ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
ଢେଙ୍କାନାଳ
ଦୂରଭାଷ : ୦୬୭୬୨-୨୨୪୪୧୪
ଇମେଲ୍:-ଡିକେଏଲ୍.ଡିଆଇପିଆର୍ଓ@ ଜିମେଲ୍.କମ୍

ପତ୍ର ସଂଖ୍ୟା ---୨୨୧---/ସୂ.ଲୋ.ସଂ ତା.--୦୨/୧୦/୨୦୨୦----

ଢେଙ୍କାନାଳରେ ମହାତ୍ମା ଗାନ୍ଧି ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ, ତା-୦୨/୧୦/୨୦୨୦- ଆଜି ଢେଙ୍କାନାଳରେ ଜାତିର ପିତା ମହାତ୍ମା ଗାନ୍ଧି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଅଛି। ଏହି ଅବସରରେ ସ୍ଥାନୀୟ ଗାନ୍ଧି ପାର୍କ ଠାରେ ସକାଳ ଘ. ୭-୩୦ ମି. ସମୟରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିକୃତିରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ସଦର ଉପ-ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡି ପ୍ରଧାନ, ଜିଲ୍ଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶ୍ରୀ ସୀତାଂଶୁ ଶେଖର ଦାସ, ପୌର ପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଅଜୟ କୁମାର ସାମନ୍ତ, ସଂସ୍କୃତି ଅଧିକାରୀ ଶ୍ରୀ ଶିଶୁ ସ୍ୱାଇଁ ପ୍ରମୁଖ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।

ମାଲ୍ୟାର୍ପଣ ପରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଶ୍ରୀମତୀ ଅନୁପମା ମିଶ୍ର ଗୀତା ପାଠ, ଜନାବ ନଜରୁଲ ଇସଲାମ କୋରାନ୍ ପାଠ ଏବଂ ଶ୍ରୀ ସରୋଜ କୁମାର ସିଂହ ବାଇବେଲ୍ ପାଠ କରିଥିଲେ।

ଏହି ଅବସରରେ ଢେଙ୍କାନାଳ ପୌର ପାଳିକାର ଜିପିଏସ ଯୁକ୍ତ ଅଳିଆ ଗଦା ଗାଡ଼ି ଏବଂ ଫଗ ଉଣ୍ଡିଆ ସୁବିଧାମାନଙ୍କର ଉକ୍ତ ଯାନବାହନ ଗାଡ଼ିକୁ ଜିଲ୍ଲାପାଳ ପତାକା ଦେଖାଇ ଆରମ୍ଭ କରିଥିଲେ।

ଉତ୍ସବରେ ଏସ.ଡି.ପି.ଓ. (ପୋଲିସ୍), ଡି.ଏସ.ପି., ଡି.ଆର.ଡି., ସରକାରୀ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ତରଫରୁ ପ୍ରଚାର ଗାଡ଼ି ଯନ୍ତ୍ର ଦ୍ୱାରା ସହର ମଧ୍ୟରେ ରାମଧୁନ୍ ଗାନ କରାଯାଇଥିଲା।

—x—

୦୨/୧୦/୨୦
ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା।